# भाकृअनुप – राष्ट्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

(An ISO 9001: 2015 Certified Institute)

## କୃଷି ସୂଚନା ସେବା (ଧାନ)

### ୨୦୨୫ ମସିହା ମାର୍ଚ୍ଚ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

**ବର୍ତମାନ ସମୟରେ ଅଧିକାଂଶ ଧାନଗଛ ହେଉଥିବା ଅଂଚଳରେ ହଳଦିଆ କାଣ୍ଡବିନ୍ଧା ପୋକ ଲାଗିଥିବାର ଦେଖାଯାଉଛି ।**

- ❖ ଏହି ପୋକର ନିରୀକ୍ଷଣ ପାଇଁ ରୁଆ ଧାନରେ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତାପ୍ରତି ୩ଟି ଦେଖାଯିବ ତେବେ ଏହାର ଦମନ ପାଇଁ ନିମ୍ବ ମଂଜିରୁ ତିଆରି ଔଷଧ ଆଜାଡିରାକ୍ଟିନ୍ ଏକର ପ୍ରତି ୮୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା କ୍ଲୋରାନ୍ ଟ୍ରାନିଲିପ୍ରୋଲ ୪% ଜି.ଆର୍. ଏକର ପ୍ରତି ୪ କି.ଗ୍ରା. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ଜି. ଏକର ପ୍ରତି ୧୦ କି.ଗ୍ରା. ସମାନ ପରିମାଣର ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । କିମ୍ବା ଫ୍ଲୁବେନ୍ଡିମାଇଡ୍ ୪୮୦ ଏସ୍.ସି. ୨୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ଏକ ଏକରରେ ସିଂଚନ କରନ୍ତୁ ।
- ❖ ଯେତେବେଳେ ଏହି ପୋକର ଅଣ୍ଡା ବିଲରେ ଦେଖାଯିବ ତେବେ ଏକର ପିଛା ଗୋଟିଏ ଟ୍ରାଇକୋକାର୍ଡ ବ୍ୟବହାର କରନ୍ତୁ ।
- ❖ ସପ୍ତାହ ଅନ୍ତରରେ ୪ ରୁ ୫ ଥର ଏହି ଭଳି କାର୍ଡ ବ୍ୟବହାର କରାଯାଇପାରିବ ।
- ❖ ଯେତେବେଳେ ଧାନ ବିଲରେ ଏହି ପୋକର ଅଣ୍ଡା ଦେଖିବେ ତେବେ ତାକୁ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ ।
- ❖ ବୟସ୍କ ପୋକମାନଙ୍କୁ ଧରିବାପାଇଁ ଆଲୋକ ଯନ୍ତା ବ୍ୟବହାର କରିପାରିବେ ।
- ❖ ଗଛର ତଳଭାଗରେ ହଳଦିଆ କାଣ୍ଡବିନ୍ଧା ପୋକର ଅଣ୍ଡାଗୁଡିକ ବୁଡାଇବା ପାଇଁ ପର୍ଯ୍ୟାୟ କ୍ରମେ ଜଳସେଚନର ସ୍ତର ବଢ଼ାଇବା ଦରକାର ।

**୧) ରୁଆ ଡାଲୁଅ ଧାନ**

- ❖ ଘାସ ନିୟନ୍ତ୍ରଣ ପାଇଁ ଘାସ ଉଠିବା ପୂର୍ବରୁ କୌଣସି ଘାସମରା ଔଷଧ ପକାଯାଇନଥିଲେ, ରୋଇବାର ୧୫ ରୁ ୨୦ ଦିନ ମଧ୍ୟରେ ପେନୋକ୍ସୁଲମ୍ ୧.୦୨% + ସାଇହାଲୋଫୋପ- ବ୍ୟୁଟାଇଲ ୫.୧% ୮୦୦ ମି.ଲି. ପ୍ରତି ଏକର ହିସାବରେ ସିଂଚନ କରନ୍ତୁ କିମ୍ବା ୨୦ ଦିନରେ ଥରେ ଓ ୪୦ ଦିନରେ ଆଉଥରେ ହାତରେ ଘାସବାଛି ଦିଅନ୍ତୁ କିମ୍ବା ଯଦି ଧାଡି ରୁଆ ହୋଇଥିବ ତେବେ ଅଙ୍ଗୁଳିବିଦା ଯନ୍ତ /କୋନୋୱିଡର/ଧାନୱିଡର ସାହାଯ୍ୟରେ ୨୦ ଦିନ ଓ ୪୦ ଦିନରେ ଦୁଇଥର ଘାସ ଦମନ କରନ୍ତୁ ।
- ❖ କାଣ୍ଡବିନ୍ଧାପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୩ ଗୋଟି ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ପୁରୁଷ ପ୍ରଜାପତି ପଡିବେ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ ୦.୪% ଜି.ଆର୍ ୪ କେ.ଜି କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍

୪ ଜି. ୧୦ କି.ଗ୍ରା. ସମାନ ପରିମାଣର ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ  କିମ୍ବା ଏକର ପ୍ରତି ୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଜି/ଏଲ ଏସ୍.ସି. କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- ❖ ବିଳମ୍ବରେ ରୁଆ ଯାଇଥିବା ଧାନରେ ପ୍ରଥମ ଶୀର୍ଷସାର ହିସାବରେ ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ପିଲ ବାହାରିବା ସମୟରେ (୨୦-୨୫ ଦିନରେ) ପ୍ରୟୋଗ କରନ୍ତୁ । ଠିକ୍ ସମୟରେ ରୁଆଯାଇଥିବା ଧାନରେ ଦ୍ୱିତୀୟ ଶୀର୍ଷସାର ହିସାବରେ ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ଏବଂ ୧୧ କି.ଗ୍ରା. ଏମ୍.ଓ.ପି. ପ୍ରୟୋଗ କରନ୍ତୁ ।
- ❖ ଯଦି ମହିଷାରୋଗ ଦେଖାଯାଏ, ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%  + ଟେବୁକୋନାଜୋଲ ୫୦% ଏକର ପ୍ରତି ୮୦ ଗ୍ରାମ୍  କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ଏକର ପ୍ରତି ୨୦୦ ମି.ଲି. କିମ୍ବା ଏକର ପ୍ରତି କାସୁଗାମାଇସିନ୍ ୩ ଏସ୍.ଏଲ୍. ୫୦୦ ମି.ଲି., ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଯଦି ପତ୍ରଚିତାରୋଗ ଦେଖାଦିଏ ତେବେ ଏକର ପିଛା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାଙ୍କୋଜେବ୍ ୬୩% ଡବ୍ଲ୍ୟୁ.ପି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପ୍ରତି ୨୦୦ ମି.ଲି. ପ୍ରୋପିକୋନାଜୋଲ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

୨)    **କାଦୁଅ ବୁଣା ଡାଲୁଅ ଧାନ**

- ❖ କାଣ୍ଡବିନ୍ଧା ପୋକ ନିରୀକ୍ଷଣ ପାଇଁ ଏକର ପିଛା ୩ଟି ହିସାବରେ ଯୌନ ସଭେଦନଶୀଳ ଯନ୍ତ୍ର ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତ୍ର ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫%କୁ ଏକର ପ୍ରତି ୮୦୦ ମି.ଲି. କିଭା ଏକର ପିଛା କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ୪ କି.ଗ୍ରା. କୁ ୧:୧ ବା ସମାନ ପରିମାଣର ବାଲି  ସହିତ ମିଶାଇ ପ୍ରୟୋଗ  କରନ୍ତୁ କିମ୍ବା ଏକର  ପ୍ରତି ୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଜି/ଏଲ ଏସ୍.ସି. କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ଏକର ପ୍ରତି ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଚାଷୀ ଯଦି ପୂର୍ବରୁ କୌଣସି ଘାସ ନିୟନ୍ତ୍ରଣ ଔଷଧ ବ୍ୟବହାରକରି ନାହାନ୍ତି ତେବେ ପେନୋକ୍ସୁଲମ୍ ୧.୦୨% + ସାଇହାଲୋଫୋପ୍-ବ୍ୟୁଟାଇଲ୍ ୫.୧% ଏକର ପିଛା ୮୦୦ ମି.ଲି. ବୁଣିବାର ୧୫ ରୁ ୨୦ ଦିନରେ ୧୪୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଯଦି ମହିଷାରୋଗ ଦେଖାଯାଏ, ତେବେ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%  + ଟେବୁକୋନାଜୋଲ ୫୦% ଏକର ପିଛା ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ଏକର ପ୍ରତି ୨୦୦ ମି.ଲି. କିମ୍ବା କାସୁଗାମାଇସିନ୍ ୩ ଏସ୍.ଏଲ୍. ୫୦୦ ମି.ଲି., ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

*****